# ବ୍ଲକ୍ ସ୍ତରରେ ପହଞ୍ଚିବ ମୁକ୍ତ ବିଶ୍ୱବିଦ୍ୟାଳୟ

**ସମ୍ବଲପୁରସ୍ଥିତ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ନିଯୁକ୍ତ ହୋଇଛନ୍ତି ଡ. ଶ୍ରୀକାନ୍ତ ମହାପାତ୍ର। ରାଜ୍ୟରେ ଦୂର ନିରନ୍ତର ଶିକ୍ଷାର ପ୍ରସାର ପାଇଁ ସରକାରଙ୍କ ଏହି ଡ୍ରିମ୍ ପ୍ରୋଜେକ୍ଟର ଦାୟିତ୍ୱ ମୁଣ୍ଡାଇଛନ୍ତି ସେ। ପ୍ରଶାସନ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ରହିଛି ବିପୁଳ ଅଭିଜ୍ଞତା। ଡ. ମହାପାତ୍ର ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ର ବିହାର, ଗୁଜୁରାଟ ଓ ଓଡିଶାର ଆଞ୍ଚଳିକ ନିର୍ଦ୍ଦେଶକ ପଦ ସମ୍ଭାଳିଛନ୍ତି। ବ୍ଲକ୍ ସ୍ତରର ଲୋକଙ୍କ ପାଖରେ ମୁକ୍ତ ବିଶ୍ୱବିଦ୍ୟାଳୟ ପହଞ୍ଚିବ ବୋଲି ସେ 'ପ୍ରମେୟ'କୁ କହିଛନ୍ତି।**



ଡ. ଶ୍ରୀକାନ୍ତ ମହାପାତ୍ର

**ନୂଆ ବିଶ୍ୱବିଦ୍ୟାଳୟ, ପୁଣି ଦୂର ନିରନ୍ତର ଶିକ୍ଷା। କେତେ ଆଗ୍ରହ ରହୁଛି ଏଥିରେ ପଢିବାକୁ?**

ଆରମ୍ଭରୁ ଲୋକେ ବେଶ୍ ଭଲ ଆଗ୍ରହ ଦେଖାଉଛନ୍ତି। ପ୍ରଥମ ବ୍ୟାଚ୍‌ରେ ଜଣେ ୬୫ ବର୍ଷ ବୟସର ଲୋକ ସାମ୍ବାଦିକତା କୋର୍ସ ପାଇଁ ଆଡ୍‌ମିସନ ନେଇଛନ୍ତି। ଏବେସୁଦ୍ଧା ବିଭନ୍ନ ପାଠ୍ୟକ୍ରମ ପାଇଁ ପ୍ରାୟ ୨୨୫ ଜଣ ଆଡମିସନ ନେଇ ସାରିଲେଣି। ସବୁ ବୟସର ଲୋକେ ଏଠାରେ ପଢିପାରିବେ।

**ନୂଆ ଅନୁଷ୍ଠାନକୁ ଗଢିବା ବେଶ୍ କାଠିକର। ଆପଣ କଣ ଟାର୍ଗେଟ ରଖିଛନ୍ତି?**

ସବୁ ବର୍ଗର ଲୋକଙ୍କ ପାଖରେ ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ମୋର ପ୍ରଥମ କାମ। ସବୁ ଜିଲ୍ଲା ଓ ବ୍ଲକ୍ ସ୍ତରରେ ସୁବିଧାରେ ଯେମିତି ଲୋକେ ଉଚ୍ଚଶିକ୍ଷା ପାଇବେ ସେଥିପାଇଁ ପଦକ୍ଷେପ ନିଆଯିବ। ଏବେ ପ୍ରାୟ ସବୁ ଜିଲ୍ଲାରେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଷ୍ଟଡି ସେଣ୍ଟର ବା ଅଧ୍ୟୟନ କେନ୍ଦ୍ର ଖୋଲିଛି। ଏସବୁ ଜାଗାରେ ୬୦ ଜଣ ଅଧ୍ୟାପକଙ୍କୁ ସାମୟିକ ଭାବେ ନିଯୁକ୍ତି ଦିଆଯାଇଛି। କେବଳ ନୂଆପଡା, ଝାରସୁଗୁଡା ଓ ଦେବଗଡରେ ଷ୍ଟଡି ସେଣ୍ଟର ଖୋଲିପାରିନି। ଖୁବ୍‌ଶୀଘ୍ର ଏହି ଜିଲ୍ଲାରେ ଖୋଲିବାକୁ ଆମେ ପଦକ୍ଷେପ ନେଉଛୁ।

**ଅଳ୍ପ ଖର୍ଚ୍ଚରେ ଦୁର୍ଗମ ଅଞ୍ଚଳ ପିଲାଙ୍କ ପାଖରେ କିପରି ପହଞ୍ଚିବେ?**

ହଁ, ଦୁର୍ଗମ ଅଞ୍ଚଳର ପିଲାଙ୍କ ପାଖରେ ପହଞ୍ଚିବା ଓ ସେମାନଙ୍କୁ ଉଚ୍ଚଶିକ୍ଷାର ସୁବିଧା ଦେବାକୁ ଆମେ ଲକ୍ଷ୍ୟ ରଖିଛୁ। ବଡ଼ ସହରରେ ଭଲ ବିଶ୍ୱବିଦ୍ୟାଳୟ ଅଛି। ମାତ୍ର ସମସ୍ତେ ଏଠାରେ ପହଞ୍ଚି ପାଠ ପଢି ପାରୁନାହାନ୍ତି। ମାଲକାନଗିରିରେ ରହୁଥିବା ଜଣେ ପିଲା ଭୁବନେଶ୍ୱର କି ସମ୍ବଲପୁରରେ ଆସି ପାଠ ପଢିବାରେ ଅସୁବିଧା ହେଉଛି। ଝିଅମାନଙ୍କ ପାଇଁ ସମସ୍ୟା ବେଶି। ଏଥିପାଇଁ ଲୋକେ ପଢିବାକୁ ଆଉ କଲେଜ ପାଖକୁ ଆସିବା ଦରକାର ନାହିଁ। ମୁକ୍ତ ବିଶ୍ୱବିଦ୍ୟାଳୟ ସେମାନଙ୍କ ପାଖକୁ ଯିବ। ଆଗକୁ ରାଜ୍ୟରେ ଷ୍ଟଡି ସେଣ୍ଟର ସଂଖ୍ୟା ୧୦୦କୁ ବଢାଇବାକୁ ଯୋଜନା କରିଛୁ। ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ବେଶି ଷ୍ଟଡି ସେଣ୍ଟର ଖୋଲିବାକୁ ଆମେ ପ୍ରାଥମିକତା ଦେବୁ।

**ଅନେକ ବିଶ୍ୱବିଦ୍ୟାଳୟ ଓଡିଶାରେ ଷ୍ଟଡି ସେଣ୍ଟର ଖୋଲି ବେପାର କରୁଛନ୍ତି। ଏସବୁ କେମିତି ବନ୍ଦ ହେବ?**

– ୟୁଜିସିର ନିୟମ ଅନୁସାରେ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକ ବାଦ୍ ଅନ୍ୟ କୌଣସି ରାଜ୍ୟର ମୁକ୍ତ ବିଶ୍ୱବିଦ୍ୟାଳୟ ନିଜ ରାଜ୍ୟ ଛଡା ଅନ୍ୟ କୌଣସି ରାଜ୍ୟରେ ଷ୍ଟଡି ସେଣ୍ଟର ଖୋଲି ପାରିବେନି। ଏ ନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଇନରେ ମଧ୍ୟ ଏଥିପାଇଁ ଗାଇଡ୍‌ଲାଇନ ରହିଛି। କୌଣସି ରାଜ୍ୟର ମୁକ୍ତ ବିଶ୍ୱବିଦ୍ୟାଳୟ ଆମର ଏଠି କାରବାର କରୁଥିବା ଲିଖିତ ଅଭିଯୋଗ କଲେ ପଦକ୍ଷେପ ନିଆଯିବ।

**ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ଓଡିଆରେ ପଢିବାକୁ କଣ ବ୍ୟବସ୍ଥା ରହିଛି?**

ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ସମସ୍ତ ପାଠ୍ୟକ୍ରମ ଓଡିଆରେ ପଢାଇବା ବ୍ୟବସ୍ଥା ଅଛି। ଏହାହିଁ ଆମର ସ୍ୱତନ୍ତ୍ରତା। ବ୍ୟବହାରିକ ଓଡିଆ, କମ୍ପ୍ୟୁଟର ମାଧ୍ୟମରେ ଚିଠି ଲେଖିବା, ଡ୍ରାଫ୍ଟିଂ କରିବା ଓ ଅନ୍ୟ ପାଠ୍ୟକ୍ରମକୁ ଓଡିଆରେ ପଢିବା ପାଇଁ ଆମେ ବ୍ୟବସ୍ଥା କରିଛୁ।

**ଦୂର ନିରନ୍ତର ଶିକ୍ଷା ପାଇଁ ଏହି ମୁକ୍ତ ବିଶ୍ୱବିଦ୍ୟାଳୟ କେବଳ ସାର୍ଟିଫିକେଟ ଦେବାରେ ସୀମିତ ରହିବନି ତ?**

ଆମେ ପିଲାଙ୍କୁ ବୃତ୍ତିଗତ ଶିକ୍ଷା ଦେବାକୁ ଚେଷ୍ଟା କରୁଛୁ। ଯେଉଁଥିରେ ସେମାନେ ନିଜେ ସ୍ୱାବଲମ୍ବୀ ହୋଇପାରିବେ। ପିଲାଙ୍କୁ ପାଠପଢା ସହ ନିଯୁକ୍ତି ଦେବାକୁ ବ୍ୟବସ୍ଥା କରିବୁ। ଏଥିପାଇଁ ଏକ ପ୍ଲେସମେଣ୍ଟ ସେଲ୍ ଖୋଲାଯିବ। ସେହିପରି ଆଞ୍ଚଳିକତା ଭିତ୍ତିରେ ରାଜ୍ୟର ସଂସ୍କୃତି, ଭାଷା, ଚଳଣିକୁ ନେଇ ବିଭିନ୍ନ ପାଠ୍ୟକ୍ରମ କରାଯିବ, ଯାହାକି ଇଗ୍ନୋଠୁ ଆମେ ଭିନ୍ନ ହୋଇପାରିବୁ।

ରିପୋର୍ଟ-ସ୍ମୃତିରଞ୍ଜନ ବିଶ୍ୱାଳ